# ପୁରାତନ ଜନଜାତି ପାହାଡ଼ି ବଣ୍ଡାଙ୍କ ଉତ୍ପତ୍ତି ଓ ବିବାହ ପରମ୍ପରା

ଡଃ ରମେଶ ପ୍ରସାଦ ମହାନ୍ତି

ଓଡ଼ିଶାରେ ସର୍ବମୋଟ ୬୨ଟି ଆଦିବାସୀ ସମ୍ପ୍ରଦାୟର ଲୋକ ବସବାସ କରନ୍ତି । ସେମାନଙ୍କ ମଧ୍ୟରୁ ବଣ୍ଡା ଜନଜାତିଟି ସର୍ବପୁରାତନ ଏବଂ ସେମାନେ ମୁଖ୍ୟସ୍ରୋତଠାରୁ ଅନେକ ଦୂରରେ । ଏମାନେ ଅଷ୍ଟ୍ରୋ-ଏସିଆଟିକ୍ ପରିବାରର ଏକ ଭାଷା କୁହନ୍ତି । ସେମାନେ ନିଜକୁ 'ରେମୋ' ଅର୍ଥାତ୍ ମଣିଷ ଏବଂ ସେମାନଙ୍କର ଭାଷାକୁ 'ରେମୋ-ସାମ୍' ଅର୍ଥାତ୍ ମଣିଷ-ଭାଷା ବୋଲି କହିଥାନ୍ତି ।

ଲୋକସଂଖ୍ୟା ଦୃଷ୍ଟିରୁ ଏମାନେ ଏକ ଖୁବ୍ କ୍ଷୁଦ୍ର ସମ୍ପ୍ରଦାୟ । ୧୯୯୧ ମସିହା ଜନଗଣନା ଅନୁସାରେ ଏମାନଙ୍କ ସଂଖ୍ୟା ମାତ୍ର ୫୮୯୫ ଏବଂ ୨୦୦୦ ମସିହାର ପ୍ରାରମ୍ଭ ବେଳକୁ ଏହି ସଂଖ୍ୟା ୫୫୬୫ ଥିଲା । ଆନ୍ତର୍ଜାତିକ ଶ୍ରମ ସଂଗଠନ ଦ୍ୱାରା ୨୦୦୧ ମସିହା ଶେଷବେଳକୁ କରାଯାଇଥିବା ଏକ ଜନଗଣନା ଅନୁସାରେ ଏମାନଙ୍କର ସଂଖ୍ୟା ୫୫୩୦ ଥିବାର ଜଣାପଡ଼େ (୨୦୦୩:୩୨-୩୩) । ଏହିପରି ଭାବେ ସେମାନଙ୍କର ଜନସଂଖ୍ୟା ଧୀରେ ଧୀରେ କମି ଆସୁଥିବାର ଅନୁମାନ କରାଯାଏ । ଏମାନେ ଆଧୁନିକ ଶିକ୍ଷାର ଉପାଦେୟତା ବିଷୟରେ ସେତେଟା ସଚେତନ ନୁହଁନ୍ତି । ତେଣୁ ସେମାନଙ୍କ ସାକ୍ଷରତା ହାର ହାରାହାରି ୫ ପ୍ରତିଶତ ଅଟେ ।

ବଣ୍ଡାମାନେ ରାଜ୍ୟର ଗିରିପୂର୍ଣ୍ଣ ଅଞ୍ଚଳ ମାଲକାନଗିରି ଜିଲ୍ଲାର ଖଇରିପୁଟ ବ୍ଲକ୍ ଅନ୍ତର୍ଗତ ପୂର୍ବଘାଟ ପର୍ବତମାଳା ଉପରେ ସମୁଦ୍ର ପତ୍ତନଠାରୁ ପ୍ରାୟ ୪୦୦୦ ଫୁଟ ଉପରେ ଅବସ୍ଥିତ ଏକ ସୀମିତ ପରିସୀମା (୧୩୦ କି.ମି.) ବେଷ୍ଟିତ ମାତ୍ର ୩୨ଟି ଗ୍ରାମରେ ବସବାସ କରନ୍ତି । ସାଧାରଣତଃ ସେମାନଙ୍କର ପ୍ରତିଟିଗ୍ରାମ ଘାଟି ଉପରେ ଫୁଟି ଉଠିଥିବା ଗୋଟିଏ ଗୋଟିଏ ପାହାଡ଼ର ଶୀର୍ଷ ଭାଗରେ ଅବସ୍ଥିତ । କିମ୍ବଦନ୍ତୀ ତଥା ବର୍ତ୍ତମାନର ଭଗ୍ନାବଶେଷରୁ ଏହା ଜଣାପଡ଼େ ଯେ, ମୁଖ୍ୟତଃ ହିଂସ୍ର ବନ୍ୟଜନ୍ତୁମାନଙ୍କ କବଳରୁ ନିଜକୁ ରକ୍ଷା କରିବା ପାଇଁ ନିଜ ନିଜ ଗ୍ରାମଗୁଡ଼ିକୁ ବିଶାଳ ପ୍ରସ୍ତର ଖଣ୍ଡ ଦ୍ୱାରା ଆବଦ୍ଧକରି ତା' ମଧ୍ୟରେ ଦଳଗତଭାବେ ରହି ଆସୁଥିଲେ । କେତେକ କାରଣ ଯୋଗୁଁ ଅନେକ ଗ୍ରାମରେ ଏହି ପ୍ରାଚୀରଗୁଡ଼ିକ ଲୁପ୍ତ ହୋଇଗଲାଣି ଏବଂ କେତେକ ଗ୍ରାମରେ ଏହି ପ୍ରାଚୀରଗୁଡ଼ିକ ଖୁବ୍ ରଗ୍ଣ ଅବସ୍ଥାରେ ପୂର୍ବ ପରମ୍ପରାର ମୂକସାକ୍ଷୀ ରୂପେ ପଡ଼ି ରହିଛି ।



ବଣ୍ଡାମାନେ ସେମାନଙ୍କୁ ପୃଥିବୀର ପ୍ରଥମ ତଥା ସର୍ବପୁରାତନ ମଣିଷ ରୂପେ ପରିଗଣିତ କରିଥାଆନ୍ତି ଏବଂ ସେମାନଙ୍କ ସଭ୍ୟତାରୁ ହିଁ ବର୍ତ୍ତମାନ ପୃଥିବୀର ଅନ୍ୟାନ୍ୟ ସଭ୍ୟତାଗୁଡ଼ିକର ସୃଷ୍ଟି ହୋଇଥିବାର ଦୃଷ୍ଟାନ୍ତ ଦେବାବେଳେ ସେମାନଙ୍କର ଉତ୍ପତ୍ତି ସମ୍ବନ୍ଧୀୟ ଏକ ମୌଖିକ କିମ୍ବଦନ୍ତୀକୁ ଉଦ୍ଧାର କରି କୁହନ୍ତି ଯେ, ଏକଦା ଆମ ଦେଶ ତଥା ପୃଥିବୀଟି ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା । ସେତେବେଳେ କେବଳ ବାଘ, ଭାଲୁ ଏବଂ ଅନ୍ୟାନ୍ୟ ହିଂସ୍ରଜନ୍ତୁମାନଙ୍କର ରାଜତ୍ୱ । ରେମୋ ଅର୍ଥାତ୍ ମଣିଷମାନଙ୍କ ସୃଷ୍ଟି ପାଇଁ ଭଗବାନ ଗୋଟିଏ ଛୋଟ ପୁଅକୁ ପୃଥିବୀକୁ ପଠାଇଲେ । କିନ୍ତୁ ପୁଅ ବୟସର ସମସାମୟିକ ଏକ ଝିଅ ପଠାଇବା ପରିବର୍ତ୍ତେ ପୁଅଟିର ରକ୍ଷଣାବେକ୍ଷଣ ପାଇଁ ଜଣେ ବୟସ୍କା ଝିଅକୁ ପୃଥିବୀକୁ ପଠାଇଲେ । ଝିଅଟି ପୁଅଠାରୁ ବୟସରେ ଯଥେଷ୍ଟ ବଡ଼ ହୋଇଥିଲେ ମଧ୍ୟ ଭଗବାନଙ୍କ ଇଚ୍ଛାଯୋଗୁଁ ପ୍ରଥମ ଦେଖାରେ ସେମାନଙ୍କ ମଧ୍ୟରେ ଏକ ନିବିଡ଼ ପ୍ରେମ ସମ୍ପର୍କ ଗଢ଼ି ଉଠିଲା । କାଳକ୍ରମେ ଝିଅଟି ଗର୍ଭବତୀ ମଧ୍ୟ ହେଲା ।

ସେତେବେଳେ କୌଣସି ଘରଦ୍ୱାର କିମ୍ବା ଲୁଗାପଟାର ପ୍ରଚଳନ ନଥାଏ । ଜଙ୍ଗଲି ପଶୁମାନଙ୍କ ପରି ସେମାନେ ମଧ୍ୟ ଜଙ୍ଗଲରେ ବୁଲି

ବୁଲି ଆହାର ସଂଗ୍ରହ କରି ଚଳୁଥିଲେ । ଅନେକ ସମୟରେ ସେମାନଙ୍କୁ ବାଘ, ଭାଲୁ ଇତ୍ୟାଦି ଜୀବଜନ୍ତୁଙ୍କ ଦାଉରୁ ନିଜକୁ ରକ୍ଷା କରିବା ପାଇଁ ସେମାନଙ୍କ ସଂଗେ ସଂଗ୍ରାମ କରିବାକୁ ପଡୁଥିଲା । ତେଣୁ ପୁରୁଷଟି ତା' ଗର୍ଭବତୀ ସ୍ତ୍ରୀ ପାଖେ ପାଖେ ପ୍ରାୟ ସବୁବେଳେ ରହୁଥାଏ । ପ୍ରସବ ଦିନ ପାଖେଇ ଆସିଲା । ପୁରୁଷଟି ଭୋକ ଶୋଷ ଭୁଲି ସ୍ତ୍ରୀ ପାଖେ ପାଖେ ଥାଏ । ଦିନେ ସେମାନେ ଗୋଟିଏ ସଳପ ଗଛ ମୂଳେ ବିଶ୍ରାମ ନେଲାବେଳେ ହଠାତ୍ ପ୍ରସବ ଯନ୍ତ୍ରଣାରେ ସ୍ତ୍ରୀଟି ଚିତ୍କାର କରିବାକୁ ଲାଗିଲା । ସେ ଚିତ୍କାରରେ ଗଗନ ପବନ ଶିହରିତ ହେବାକୁ ଲାଗିଲା । ପୁରୁଷଟି କିନ୍ତୁ ଖୁବ୍ କ୍ଷୁଧାର୍ତ୍ତ ଥାଏ । ଏହି ସମୟରେ ପାଖାପାଖି ଗୋଟିଏ ମୃଗକୁ ଲକ୍ଷ୍ୟ କରି ଶିକାର ଆଶାରେ ତା'ପଛରେ ଧାଇଁବାକୁ ଲାଗିଲା । ପରିଶେଷରେ ମୃଗଟିକୁ ଶିକାର କରି ତା'ର କଞ୍ଚା ମାଂସ ଖାଇବାକୁ ଲାଗିଲା । ଅତ୍ୟନ୍ତ କ୍ଷୁଧାର୍ତ୍ତ ଥିବା ଯୋଗୁଁ ଖାଉ ଖାଉ ଏତେ ମାତ୍ରାରେ ଖାଇ ଦେଲା ଯେ, ସେଠାରୁ ସେ ଆଉ ତା' ସ୍ତ୍ରୀ ନିକଟକୁ ଫେରିବାକୁ ଅକ୍ଷମ ବୋଧ କଲା । ଏଣେ ସ୍ତ୍ରୀଲୋକଟି ଗୋଟିଏ ପୁତ୍ର ଏବଂ ଗୋଟିଏ କନ୍ୟା ସନ୍ତାନ ପ୍ରସବ କରି କ୍ଷୁଧାରେ ଛଟପଟ ହେଉଥାଏ । ଭାବିଲା ସେ ଯଦି ଶିକାର ପାଖକୁ ନିଜେ ନ ଯାଏ, ବୋଧହୁଏ ତା' ପାଇଁ ଆଉକିଛି ବଳିବ ନାହିଁ । ତେଣୁ ସେ କାଳ ବିଳମ୍ବ ନକରି ନବଜାତ ପିଲାଦୁହିଁଙ୍କୁ ସଳପଗଛ ତଳେ ଛାଡ଼ି ପୁରୁଷଟିକୁ ଖୋଜିବା ପାଇଁ ବାହାରି ପଡ଼ିଲା । ଶେଷରେ ଶିକାର ଯାଗାରେ ପହଞ୍ଚି ବଳିଥିବା ମାଂସତକ ଖାଇବାରେ ମଜ୍ଜି ଗଲା । ସେ ମଧ୍ୟ ପୁରୁଷଟି ପରି ଏତେ ମାତ୍ରାରେ ଶିକାର କରିଥିବା ମୃଗର ମାଂସ ଭକ୍ଷଣ କରିଦେଲା ଯେ, ସେ ଆଉ ତା'ର ନବଜାତ ଶିଶୁ ଦୁଇଟିଙ୍କ ପାଖକୁ ଫେରିବାକୁ କଷ୍ଟବୋଧ କଲା । ଏଣେ ଶିଶୁ ଦୁଇଟି ଭୋକ ବିକଳରେ ଉହଳ ବିକଳ ହୋଇ କଇଁ କଇଁ କାନ୍ଦିବାକୁ ଲାଗିଲେ । ପରିବେଶ ସେମାନଙ୍କ କ୍ରନ୍ଦନ ଧ୍ୱନିରେ ଶିହରିତ ହୋଇଉଠିଲା । ସଳପଗଛ ପିଲା ଦୁଇଟିଙ୍କର ଦୁଃଖ ଆଉ ସହି ପାରିଲା ନାହିଁ । ପିଲା ଦୁଇଟିଙ୍କୁ କିପରି ବଞ୍ଚାଇବ ଚିନ୍ତା କରି କରି ବନଭୂମିକୁ ତା'ର ବକ୍ଷକୁ କୋମଳ କରିଦେବାକୁ ଅନୁରୋଧ କଲା । ବନଭୂମିତ ସମସ୍ତଙ୍କ ମା' । ସେ ତତ୍କ୍ଷଣାତ୍ ତା'ର ବିଶାଳ ବକ୍ଷକୁ ତୁଳା ପରି କୋମଳ କରିଦେଲା । ସଙ୍ଗେ ସଙ୍ଗେ ସଳପଗଛ ତା'ର ଚେରକୁ ଚିତ୍ରକୋଣ୍ଡା ସାଗର ପର୍ଯ୍ୟନ୍ତ ଲମ୍ୱାଇ ଦେଇ ସାଗରର ମଧୁର ରସକୁ ତତ୍କ୍ଷଣାତ୍ ଟାଣି ଆଣି ତା'ର କଳା ମାଧ୍ୟମରେ ପିଲା ଦୁଇଟିଯାକ ପାଟିରେ ଥପ୍ ଥପ୍ କରି ମା'ର କ୍ଷୀର ପରି ରସ ଝରାଇବାରେ ଲାଗିଲା । ପିଲା ଦୁଇଟି ସେହି ରସ ପାନ କରି ହୃଷ୍ଟପୁଷ୍ଟ ହୋଇ ଜଙ୍ଗଲରେ ବଢ଼ିବାକୁ ଲାଗିଲେ । ପରେ ସେମାନଙ୍କ ଔରସରୁ ୧୨ ପୁତ୍ର ଓ ୧୨ଟି କନ୍ୟା ସନ୍ତାନ ଜନ୍ମ ଗ୍ରହଣ କଲେ ଏବଂ ଗୋଟିଏ ପୁଅ ଓ ଗୋଟିଏ ଝିଅ ମିଶି ୧୨ଟି ପାହାଡ଼ରେ ବସବାସ କଲେ ଏବଂ ସେ ୧୨ଟି ଗାଁକୁ ବାରଜଙ୍ଗଲ କୁହାଗଲା । ସେଇମାନଙ୍କଠୁ ବର୍ତ୍ତମାନ ସମଗ୍ର ମାନବ ସଭ୍ୟତାର ହିଁ ସୃଷ୍ଟି ବୋଲି ସେମାନଙ୍କ ମତ ।



ଅନେକ କ୍ଷେତ୍ରରେ ବଣ୍ଡାମାନଙ୍କ ସଂସ୍କୃତି, ଚାଲିଚଳନ ଓ ବେଶଭୂଷା ଇତ୍ୟାଦିକୁ ପର୍ଯ୍ୟାଲୋଚନା କଲେ ମନେହୁଏ ଯେ, ଏମାନେ ପୃଥିବୀର ଅନ୍ୟାନ୍ୟ ଜନଜାତିମାନଙ୍କଠାରୁ ଖୁବ୍ ଭିନ୍ନ । ଅନେକ ପାରମ୍ପରିକ ଜୀବନଶୈଳୀ ମଧ୍ୟରୁ ଏମାନଙ୍କ ବିବାହ ପ୍ରଥାର ସ୍ୱାତନ୍ତ୍ରତା ସେମାନଙ୍କୁ ଅନ୍ୟ ପୁରାତନ ଆଦିବାସୀ ସମ୍ପ୍ରଦାୟମାନଙ୍କଠୁ ପୃଥକ୍ କରିଥାଏ । ଏମାନଙ୍କ ସମାଜରେ ବର ସାଧାରଣତଃ କନ୍ୟାଠାରୁ ବୟସରେ ସାନ ହୋଇଥାଏ । ପରମ୍ପରା ଅନୁସାରେ ସାଧାରଣତଃ ୮/୯ ବର୍ଷର ନାବାଳକ ଜଣେ ୨୩/୨୪ କିମ୍ବା ଅଧିକ ବୟସର କନ୍ୟାକୁ ବିବାହ କରିଥାଏ । ତେଣୁ ବର ଓ କନ୍ୟା ମଧ୍ୟରେ ପ୍ରାୟ ୧୫/୧୬ ବର୍ଷର ବ୍ୟବଧାନ ରହିଥାଏ । (ବର୍ତ୍ତମାନ ବର-କନ୍ୟାମାନଙ୍କ ମଧ୍ୟରେ ବୟସର ତାରତମ୍ୟ କମି ଆସିଲାଣି) ଏପରି ହେବାର କାରଣ ବରଟି ସାନ ଥିବାବେଳେ ସ୍ତ୍ରୀ ତା'ର ଲାଳନପାଳନ ଦାୟିତ୍ୱ ନିଜ ହାତକୁ ନେଇଥାଏ । (ସ୍ତ୍ରୀ ସ୍ୱାମୀଠାରୁ ବୟସରେ ଯଥେଷ୍ଟ ବଡ଼ ହୋଇଥିବାରୁ ଅନେକ ସୟମରେ ତାକୁ ଆକଟ ମଧ୍ୟ କରେ) । ଏହା ପରିବର୍ତ୍ତେ ସ୍ତ୍ରୀର ଯେତେବେଳେ ବୟସ ଗଡ଼ିଯାଏ ବା ସେ ଯେତେବେଳେ ଅକର୍ମଣ୍ୟ ହୋଇଯାଏ, ସ୍ୱାମୀ ତା'ର ରକ୍ଷଣାବେକ୍ଷଣ ଦାୟିତ୍ୱ ନିଜ ହାତକୁ ନେଇଥାଏ ।

ବଣ୍ଡା ଗାଁଗୁଡ଼ିକ ସାଧାରଣତଃ ଗୋଟିଏ ଗୋତ୍ର ବା ମାଜାର ଲୋକଙ୍କୁ ନେଇ ଗଢ଼ି ଉଠିଥାଏ । ତେଣୁ ପ୍ରତ୍ୟେକ ଗାଁର ପୁଅ ଓ ଝିଅମାନେ ନିଜକୁ ଭାଇ-ଭଉଣୀ ମନେକରି ଚଳନ୍ତି । ଯଦି କୌଣସି ବ୍ୟକ୍ତିବିଶେଷ ଏ ପାରମ୍ପରିକ ନିୟମକୁ ଉଲ୍ଲଙ୍ଘନ କରେ ତେବେ ତାକୁ କଠୋର ଶାସ୍ତିର ସମ୍ମୁଖୀନ ହେବାକୁ ପଡ଼େ ।

ବଣ୍ଡା ଘରଗୁଡ଼ିକ ପ୍ରାୟତଃ ଏକ କୋଠରୀ ବିଶିଷ୍ଟ । ତେଣୁ ପ୍ରତ୍ୟେକ ଗାଁରେ ଅବିବାହିତ ପୁଅ ଓ ଝିଅମାନଙ୍କ ଅଲଗା ଅଲଗା ଘରଥାଏ, ଯେଉଁଠାରେ କି ସେମାନେ ରାତ୍ରିଯାପନ କରନ୍ତି । ପୁଅମାନଙ୍କ

ପାଇଁ ଉଦ୍ଦିଷ୍ଟ ଘରକୁ ଇଙ୍ଗେର୍‌ସିଙ୍ଗ୍ ଓ ଝିଅମାନଙ୍କ ପାଇଁ ଉଦ୍ଦିଷ୍ଟ ଘରକୁ ସେଲାନିଡିଙ୍ଗ୍ କୁହାଯାଏ । ଗୋଟିଏ ଗାଁର ପୁଅମାନେ ବିବାହିତ ବୟସ୍କ ପୁରୁଷମାନଙ୍କ ସଙ୍ଗେ ଅନ୍ୟ ଗାଁର ସେଲାନିଡ଼ିଙ୍ଗକୁ ଯାଇ ବିବାହ ପାଇଁ କନ୍ୟା ସୁତୁରାଇଥାନ୍ତି । ଶୁଣାଯାଏ, ସ୍ୱାଧୀନତାର ପ୍ରାୟ ପାଞ୍ଚ-ଛଅ ଦଶନ୍ଧି ପୂର୍ବରୁ ସେଲାନିଡ଼ିଙ୍ଗଗୁଡ଼ିକ ଗୋଟିଏ ଗୋଟିଏ ଗୁମ୍ଫାଯୁକ୍ତ କୋଠରୀ ଥିଲା । ପ୍ରତ୍ୟେକ ଗ୍ରାମରେ ଗାଁମୁଣ୍ଡ ପାଖାପାଖି ୧୦/୧୫ ଜଣ ରହିଲାପରି ମାଟିତଳେ ଏକ ଗାତ ଖୋଳାଯାଉଥିଲା । ତା' ଉପରେ ଏକ ଟାଟି ପକାଇ କାଦୁଅ ଲେପ ଦ୍ୱାରା ଗାତଟିକୁ ଉପରପଟୁ ସମ୍ପୂର୍ଣ୍ଣ ରୂପେ ନିବୁଜ କରାଯାଉଥିଲା ଏବଂ ଗାତ ଭିତରକୁ ପ୍ରବେଶ କରିବା ପାଇଁ ଏକ ସଂକୀର୍ଣ୍ଣ ସୁଡ଼ଙ୍ଗ ସଦୃଶ ବାଟ ରଖାଯାଉଥିଲା । ସେପରି ସେଲାନିଡ଼ିଙ୍ଗରେ ବଣ୍ଡା ତରୁଣୀମାନେ ରାତ୍ରିରେ ପ୍ରବେଶ କରି ଅନ୍ୟଗାଁର ପୁରୁଷମାନଙ୍କୁ ଅପେକ୍ଷା କରୁଥିଲେ । କିନ୍ତୁ ଅନେକ ସମୟରେ ସେମାନଙ୍କୁ ବାଘ ମୁହଁରେ ଶିକାର ହେବାକୁ ପଡୁଥିଲା । ତେଣୁ ଏ ପ୍ରକାର ସେଲାନିଡ଼ିଙ୍ଗ ଧୀରେ ଧୀରେ ଲୋପ ପାଇଲା । ଏହି ପରିପ୍ରେକ୍ଷୀରେ ବଡ଼ପଡ଼ା ଗ୍ରାମର ଶୁକ୍ରା କିରିସାନି କୁହନ୍ତି ଯେ ମାଟିତଳେ ଥିବା ଗୋଟିଏ ସେଲାନିଡ଼ିଙ୍ଗରୁ ଦିନେ ଗୋଟିଏ ବାଘ ତିନିଜଣ ଝିଅଙ୍କୁ ମାରି ଜଣଙ୍କୁ ଖାଇଥିବାର ସେ ତାଙ୍କ ଜେଜେଙ୍କଠାରୁ ଶୁଣିଥିଲେ ଏବଂ ତାଙ୍କ ଜେଜେମା ବାଘ ଆଗରେ ମଲାପରି ପଡ଼ି ରହିବାର ଅଭିନୟ କରି ବାଘ ମୁହଁରୁ ଆକସ୍ମିକ ଭାବେ ବର୍ତ୍ତି ଯାଇଥିଲେ ।

ବଣ୍ଡା ସମାଜରେ ବାହାଘର (ଡିଓସିଙ୍ଗ) ମୁଖ୍ୟତଃ ଦୁଇପ୍ରକାରର । ଗୋଟିଏ ହେଲା ପ୍ରସ୍ତାବିତ ବିଭାଘର ଅର୍ଥାତ୍ ସଲାକବୋଇ ଗୁବାଇଡିଓସିଙ୍ଗ୍ ଏବଂ ଅନ୍ୟଟି ହେଲା ଅପହରଣଜନିତ ବିଭାଘର ବା ଓ୍ୱାଇ-ବୋଇ-ଡିଓସିଙ୍ଗ୍ ।

ବଣ୍ଡାମାନେ ହାଟବଜାରରେ ଓ ପର୍ବପର୍ବାଣି ସମୟରେ ଯୁବତୀମାନଙ୍କ ସଂସ୍ପର୍ଶରେ ଆସି ଜଣକୁ ବିବାହ କରିବା ପାଇଁ ମନେ ମନେ ସ୍ଥିର କରନ୍ତି । କିନ୍ତୁ ଝିଅଟି ପୁଅକୁ ବିବାହ ହେବା ପାଇଁ ରାଜିକି ଅରାଜି ତା' ଜାଣିବା ପାଇଁ ବରପକ୍ଷରୁ ଏକ ବିସ୍ତୃତ ପାରମ୍ପରିକ ରୀତିରେ ତାହା ଅନୁଧ୍ୟାନ କରାଯାଇଥାଏ ।

ବିବାହଜନିତ କୌଣସି କାର୍ଯ୍ୟ ପାଇଁ ଶନିବାର ଓ ମଙ୍ଗଳବାରକୁ ଶୁଭ ମନେ କରାଯାଏ । ତେଣୁ ଶନିବାର କିମ୍ବା ମଙ୍ଗଳବାର ଦିନ ବରପକ୍ଷରୁ ବର ସହିତ ତା'ର ବଡ଼ ଭାଇ, ବାପା ଏବଂ ଅନ୍ୟ କେତେଜଣ ଯୁବକ କନ୍ୟାର ଗ୍ରାମକୁ ଯାଇ କନ୍ୟାଘରର ଚାଳରେ ଗୋଟିଏ ବୋତଲ ମଦ ଲୁଚାଇ ଦେଇ ମନପସନ୍ଦର କନ୍ୟାଟି ଥିବା ସେଲାନିଡ଼ିଙ୍ଗକୁ ଯାଆନ୍ତି । ଅନେକ ଯୁବକ ସେଲାନିଡ଼ିଙ୍ଗରେ ଥିବା ଯୁବତୀମାନଙ୍କ ମନ କିଣିବା ପାଇଁ ସାଙ୍ଗରେ ଅନେକ ପ୍ରକାର ଉପହାର ନେଇଥାନ୍ତି । ଅନ୍ୟ ପକ୍ଷରେ ଯୁବତୀମାନେ ବରପକ୍ଷକୁ ସ୍ୱାଗତ କରିବା ପାଇଁ ବିଭିନ୍ନ ସୁସ୍ୱାଦୁକର ଖାଦ୍ୟ ପଦାର୍ଥ ଯଥା- ପୋଡ଼ାମୂଷା, ସାପ, ନାଳିଜନ୍ଦା, ସିନ୍ଦିପୋକ (ଖଜୁରୀ ଗଛ ମୂଳରେ ଥିବା ଏକ ପୋକ), ବିଡ଼ି, ଧୂଙ୍ଗିଆ ଇତ୍ୟାଦି ଦେଇ ସେମାନଙ୍କୁ ଖୁସି କରାନ୍ତି । ରାତିସାରା ସେଠାରେ ଉଭୟ ଯୁବକ ଯୁବତୀମାନେ ହାତକୁ ହାତ ଓ କାନ୍ଧକୁ କାନ୍ଧ ଛନ୍ଦାଛନ୍ଦି ହୋଇ ନାଚ ଗୀତରେ ବିଭୋର ହୋଇପଡ଼ନ୍ତି । ଗୋଟିଏ ସେଲାନିଡ଼ିଙ୍ଗକୁ ଗୋଟିଏ ରାତିରେ ଗୋଟିଏ କିମ୍ବା ଅଧିକ ଗ୍ରାମର ଯୁବକମାନେ ଯାଇପାରନ୍ତି । ସୁବିଧା ସୁଯୋଗ ଦେଖି ବିବାହ ହେବାକୁ ଥିବା ବାଳକ ଜଣକ ତା'ର ମନକିଣି ନେଇଥିବା ଯୁବତୀ ଜଣକର ଆଙ୍ଗୁଠିରେ ଗୋଟିଏ ମୁଦି (ଆର୍‌ଟି) ପିନ୍ଧାଇ ଦିଏ । ଯଦି ଯୁବତୀଟିର ସେ ପ୍ରସ୍ତାବରେ ସମ୍ମତିଥାଏ ସେ ମୁଦିଟିକୁ ସାଦରରେ ଗ୍ରହଣ କରେ ନଚେତ୍ ତତ୍‌କ୍ଷଣାତ୍ ସେ ମୁଦିଟିକୁ ଫିଙ୍ଗି ଦେଇ ତା'ର ଅନିଚ୍ଛା ପ୍ରକାଶ କରେ । କିନ୍ତୁ ଏଥିରେ ଭାଙ୍ଗି ନପଡ଼ି ପିଲା ଜଣକ କନ୍ୟା ଆଙ୍ଗୁଠିରେ ମୁଦି ପିନ୍ଧାଇବା ପାଇଁ ବାରମ୍ବାର ଚେଷ୍ଟା କରିଥାଏ । ବଡ଼ିଭୋରରୁ ବରପକ୍ଷ ନିଜ ଗାଁକୁ ଫେରି ଆସନ୍ତି ଏବଂ କନ୍ୟା ଜଣକ ତା'ର ବାପମା'ଙ୍କୁ ଏ ବିଷୟରେ କହିଥାଏ । ଯଦି ବିଚାର କରି ଉଭୟ ବାପା, ମା' ଓ ଝିଅ ପ୍ରସ୍ତାବକୁ ଗ୍ରହଣ କରନ୍ତି ତେବେ ତାଙ୍କ ଚାଳରେ ବରପକ୍ଷ ଲୁଚାଇଥିବା ମଦ ବୋତଲକୁ ଖୋଜି ବାହାର କରାଯାଏ ଏବଂ ଜ୍ଞାତି କୁଟୁମ୍ବମାନେ ଏକତ୍ରିତ ହୋଇ ସେ ମଦକୁ ପିଇ ଖାଲି ବୋତଲକୁ ଚାଳରେ ଯଥାସ୍ଥାନରେ ଖୋସି ଦିଅନ୍ତି । ତା'ପରଦିନ ରାତିରେ ବରପକ୍ଷ ପୁଣି କନ୍ୟା ଗ୍ରାମକୁ ଆସି ପ୍ରଥମେ ସେମାନେ ଲୁଚାଇଥିବା ମଦ ବୋତଲକୁ ଖୁବ୍ ସାବଧାନତାର ସହିତ ଖୋଜିଥାନ୍ତି । ଯଦି ମଦ ବୋତଲ ଖାଲିଥାଏ ବରପକ୍ଷର ପ୍ରସ୍ତାବ କନ୍ୟାପକ୍ଷ ଦ୍ୱାରା ଗୃହୀତ ହୋଇଥିବାର ସୂଚନା ଦେଇଥାଏ ଏବଂ ଏପରିସ୍ଥଳେ ବରପକ୍ଷ ଖୁସିରେ ବିଭୋର ହୋଇପଡ଼ନ୍ତି କିନ୍ତୁ ବୋତଲରୁ ମଦ ପିଇ କନ୍ୟାପକ୍ଷ ସମ୍ମତି ପ୍ରଦାନ କରି ନଥିଲେ ବରପକ୍ଷ କନ୍ୟା ଗ୍ରାମକୁ ନୂଆ ନୂଆ ମଦବୋତଲ ସହିତ ବାରମ୍ବାର ଆସି କନ୍ୟା ଘରର ଚାଳରେ ଖୋସି ଦେଇ ସେଲାନିଡ଼ିଙ୍ଗରେ କନ୍ୟାକୁ ମୁଦି ପିନ୍ଧାଇ ଦେବା କାର୍ଯ୍ୟ ଅବ୍ୟାହତ ରଖନ୍ତି । ଏହିପରି ଜଣେ କନ୍ୟାକୁ ରାଜି କରାଇବା ପାଇଁ ବରପକ୍ଷକୁ ଅନେକ ଶାରୀରିକ ପରିଶ୍ରମ ଓ ଆର୍ଥିକ ଖର୍ଚ୍ଚ କରିବାକୁ ପଡ଼ିଥାଏ । ବାରମ୍ବାର ଚେଷ୍ଟା ସତ୍ତ୍ୱେ ଯଦି କନ୍ୟା ପ୍ରସ୍ତାବକୁ ଗ୍ରହଣ ନକରେ ତେବେ ସୁବିଧା ସୁଯୋଗ ଦେଖି କନ୍ୟାକୁ ବରପକ୍ଷର ଲୋକମାନେ ଜୋରଜବରଦସ୍ତ ଅପହରଣ କରି ନେଇଥାନ୍ତି । ବରଟି ବୟସରେ ସାନଥିବାରୁ କନ୍ୟା ଅପହରଣ କାର୍ଯ୍ୟଟି ମୁଖ୍ୟତଃ ବରର ବଡ଼ଭାଇ ବା ବାପା ତୁଲାଇଥାଏ । କନ୍ୟାଟି ତା'ର ବଳପୂର୍ବକ ଅପହରଣକାରୀମାନଙ୍କଠାରୁ ନିଜକୁ ମୁକୁଳାଇବା ପାଇଁ ଚେଷ୍ଟା କରେ । ବେଳେବେଳେ କନ୍ୟାଟି ରାଗରେ ନିଆଁବାଣ ହୋଇ ବାଘୁଣୀପରି ଅପହରଣକାରୀମାନଙ୍କ ଉପରେ ଆକ୍ରମଣ କରିଥାଏ । ଫଳ ଯାହା ହେଉ ନା କାହିଁକି, ସେଥିପାଇଁ କୌଣସି ପକ୍ଷର ଖାତିର ନଥାଏ । କେତେକ କ୍ଷେତ୍ରରେ କନ୍ୟାଟି ଅପହରଣକାରୀମାନଙ୍କ ମଧ୍ୟରୁ କେତେକଙ୍କୁ ରକ୍ତାକ୍ତ ମଧ୍ୟ କରି ଦେଇଥାଏ । ଅପହରଣକାରୀମାନେ ତାକୁ ବଳପୂର୍ବକ ଟାଣି ନିଅନ୍ତି ସତ କିନ୍ତୁ ତାକୁ

ପ୍ରତିଆକ୍ରମଣ କରିନଥାନ୍ତି । ଅପହରଣକାରୀମାନେ କନ୍ୟାକୁ ଆଣି ଭାବିସ୍ୱାମୀର ଗୋଟିଏ କୋଠରୀରେ ଭର୍ତ୍ତିକରି ବାହାରୁ କବାଟ ବନ୍ଦ କରି ଦେଇଥାନ୍ତି । ପରେ କନ୍ୟା ଉଦ୍ଦେଶ୍ୟରେ କିଛି ରନ୍ଧାଖାଦ୍ୟ ସେ ଘରେ ରଖି ଦେଇଆସନ୍ତି । ଯଦି କନ୍ୟାଟି ସେ ଖାଦ୍ୟତକ ଖାଇଦିଏ ତେବେ ସେ ପ୍ରସ୍ତାବରେ ରାଜି ବୋଲି ଧରି ନିଆଯାଏ । ତେଣୁ କନ୍ୟାଟି ଖାଦ୍ୟତକ ଖାଇ ତା'ର ସମ୍ମତି ଦେଲାକି ନାହିଁ ତାହା ଜାଣିବା ପାଇଁ ବରପକ୍ଷ ମଝିରେ ମଝିରେ ଖୁବ୍ ସାବଧାନତାର ସହିତ କବାଟ ଖୋଲି ତାହା ନିରୀକ୍ଷଣ କରନ୍ତି । ସାବଧାନତା ଅବଲମ୍ବନ ନକଲେ, କନ୍ୟାଟି ଖସି ପଳାଇବାର ସମ୍ଭାବନା ଥାଏ । ଯଦି କନ୍ୟାଟି ଖାଦ୍ୟତକ ଖାଇ ଦେଇଥାଏ, ତେବେ ତାକୁ ମୁକ୍ତ କରିଦିଆଯାଏ ଏବଂ ସେ ତା' ଗାଁକୁ ଫେରିଯାଏ । ଏହି ଖାଦ୍ୟ କନ୍ୟା ଖାଇବା ଅର୍ଥ ହିନ୍ଦୁ ସମାଜରେ ପ୍ରଚଳିତ ବିଭାଘର ପୂର୍ବରୁ ହେଉଥିବା ନିର୍ବନ୍ଧ ସହିତ ପ୍ରାୟ ସମାନ । ତେଣୁ ଏହି ଖବର ସମସ୍ତ ୩୨ ଖଣ୍ଡ ବଣ୍ଡାଗାଁରେ ବିଜୁଳି ବେଗରେ ଖେଳେଇ ହୋଇଯାଏ ଏବଂ ଏହି କନ୍ୟାକୁ ଆଉ ଅନ୍ୟକୌଣସି ଗାଁର ଲୋକେ ଅପହରଣ କରନ୍ତି ନାହିଁ ବା ଅନ୍ୟ କେହି ବିବାହ ପାଇଁ ପ୍ରସ୍ତାବ ଦେଇ ନଥାନ୍ତି । ଅନ୍ୟପକ୍ଷରେ କନ୍ୟାର ଯଦି ସେ ପ୍ରସ୍ତାବରେ ତିଳେମାତ୍ର ସମ୍ମତି ନଥାଏ, ସେ କଳେବଳେ କୌଶଳେ ସେ ଘରୁ ଖସି ପଳାଇବା ପାଇଁ ଚେଷ୍ଟା କରେ । ସେ ଘରର କାନ୍ଥକୁ କଣା କରି ହେଉ ବା ଘରଛାତ ଛପର ମେଲା କରି ହେଉ କିମ୍ବା ଅନ୍ୟ କେଉଁ ଉପାୟରେ ହେଉ ସେଠାରୁ ଖସି ଚାଲିଯିବାର ଚେଷ୍ଟା ଜାରି ରଖିଥାଏ । ଏଣେ ଝିଅଟି ଘରକୁ ଫେରିବାର ନଦେଖି ତା'ର ବାପା, ଭାଇ ଓ ଗାଁବାଲା ସମସ୍ତେ ଏକତ୍ରିତ ହୋଇ ସେମାନଙ୍କର ପାରମ୍ପରିକ ଅସ୍ତ୍ରଶସ୍ତ୍ର ଯଥା ଧନୁ, ତୀର, ଟାଙ୍ଗିଆ, ଛୁରୀ ଇତ୍ୟାଦି ଧରି ଝିଅକୁ ମୁକୁଳାଇବା ପାଇଁ ଅପହରଣକାରୀମାନଙ୍କ ଗ୍ରାମକୁ ଯାଆନ୍ତି । କନ୍ୟାପକ୍ଷ ଓ ବରପକ୍ଷ ଲୋକଙ୍କ ମଧ୍ୟରେ ଅନେକ କଥା କଟାକଟି ହେଲେ ମଧ୍ୟ କନ୍ୟାପକ୍ଷ ସମ୍ମୁଖରେ ଝିଅକୁ ରଖାଯାଇଥିବା ଘର ଖୋଲାଯାଏ । ଯଦି ଝିଅଟି ଖାଦ୍ୟତକ ଖାଇ ଦେଇଥାଏ ତେବେ ପରମ୍ପରା ଅନୁଯାୟୀ ବାହାଘର ପ୍ରାୟ ସେହିଠାରେ ନିର୍ଧାର୍ଯ୍ୟ ହୋଇଥାଏ ନଚେତ୍ ଝିଅଟିକୁ ତା' ଗାଁର ଲୋକମାନେ ମୁକୁଳାଇ ନେଇଯାଆନ୍ତି । କିନ୍ତୁ ବରପକ୍ଷ ପୁନର୍ବାର ତାକୁ ଅପହରଣ କରିବା ପ୍ରଚେଷ୍ଟାରେ ଥାଏ ଏବଂ ସୁବିଧା ସୁଯୋଗ ଦେଖି ଝିଅଟିକୁ ପୁଣି ଅପହରଣ କରନ୍ତି ଏବଂ ପୂର୍ବପରି ଗୋଟିଏ ଘରେ କିଛି ଖାଦ୍ୟ ରଖି ସେହିଘରେ ଝିଅଟିକୁ ବାନ୍ଧି ରଖି ପ୍ରସ୍ତାବଟିକୁ ଗ୍ରହଣ କରିବାପାଇଁ ଏକପ୍ରକାର ବାଧ୍ୟ କରନ୍ତି । ଯେପର୍ଯ୍ୟନ୍ତ କନ୍ୟାଟି ପ୍ରସ୍ତାବକୁ ଗ୍ରହଣ କରିନଥାଏ, ସେ ପର୍ଯ୍ୟନ୍ତ ବରପକ୍ଷର ଏପରି ଉଦ୍ୟମ ଜାରି ରହିଥାଏ । କିନ୍ତୁ ଜଣେ କନ୍ୟାକୁ ବାରମ୍ବାର ଅପହରଣ କରି ତାକୁ ବାହାଘର ପାଇଁ ରାଜି କରାଇବା କେବଳ ଜଣେ ଧନୀ ବଣ୍ଡା ପକ୍ଷେ ସମ୍ଭବ ହୋଇଥାଏ । କାରଣ ଯେତେଥର କନ୍ୟାକୁ ଅପହରଣ କରାଯାଏ ସେତେଥର ବରଘର ତରଫରୁ ଅପହରଣକାରୀମାନଙ୍କୁ ସେମାନଙ୍କ ମନ ମୁତାବକ ଭୋଜନ ଦେବାକୁ ପଡ଼ିଥାଏ । ଅନ୍ୟପକ୍ଷରେ ଏହିପରି ବାହାଘରରେ କନ୍ୟା ପିତାମାତାଙ୍କୁ ମଧ୍ୟ ଅଧିକ ପରିମାଣରେ କନ୍ୟାସୁନା ଦେବାକୁ ପଡ଼େ । ଯାହା ହେଉନା କାହିଁକି କୌଣସିମତେ କନ୍ୟା ଥରେ ରାଜି ହୋଇଗଲେ କନ୍ୟାପକ୍ଷକୁ ବରପକ୍ଷ ତରଫରୁ ପ୍ରାୟ ପାଞ୍ଚଗରା ବିଭିନ୍ନ ପ୍ରକାର ମଦ ଦିଆଯାଇଥାଏ ଏବଂ କନ୍ୟାପକ୍ଷର ଜ୍ଞାତି କୁଟୁମ୍ବମାନେ ଏକାଠି ବସି ସେସବୁକୁ ପାନ କରି ବିଭାଘର ପ୍ରଥମ ସୋପାନର ମଜା ନେଇଥାନ୍ତି । ବିବାହ ସ୍ଥିର ହୋଇଗଲା ପରେ କନ୍ୟାର ସଙ୍ଗିନୀମାନଙ୍କ ଦାବି ମୁତାବକ ବରପକ୍ଷକୁ ବାଉଁଶପଟି (ସେନ୍‌ଲା), ମକା (ମାକା), ଘର ଛପର ପାଇଁ ବ୍ୟବହୃତ ଘାସ (ତୁରାବୁ), ଖଜୁରୀ ପତ୍ର (ଡେଣ୍ଡା) ଇତ୍ୟାଦି ଦେବାକୁ ପଡ଼ିଥାଏ । ଦାବି ଅନୁସାରେ ଏଗୁଡ଼ିକ ପ୍ରାପ୍ତ ହେଲେ ବରର ଆର୍ଥିକ ପରିସ୍ଥିତି ଉନ୍ନତ ଥିବାର ସେମାନେ ଅନୁମାନ କରନ୍ତି । ବରପକ୍ଷରୁ ପ୍ରାପ୍ତ ତୁରାବୁ କନ୍ୟାଟି ରହୁଥିବା ସେଲାନଡ଼ିଙ୍ଗିର ଛପର କାର୍ଯ୍ୟରେ ଲାଗେ । ସେନ୍‌ଲାକୁ ସେଲାନିଡ଼ିଙ୍ଗରେ ବସାଉଠା କାର୍ଯ୍ୟରେ ଏବଂ ପର୍ବପର୍ବାଣି ସମୟରେ ବ୍ୟବହୃତ କରାଯାଏ । ଡେଣ୍ଡାରେ ନାରୀର ସଜ୍ଜାପାଇଁ ସେମାନେ ବିଭିନ୍ନ ପ୍ରକାର ମୁକୁଟ ଏବଂ ଅନ୍ୟାନ୍ୟ ପଦାର୍ଥ ତିଆରି କରିଥାନ୍ତି । ମାକାଲୁ ସେମାନେ ଏକତ୍ର ବସି ଖାଇବା ବ୍ୟତୀତ ବିଭିନ୍ନ ଗାଁରୁ ରାତିରେ ଆସୁଥିବା ବରପକ୍ଷ ଦଳଗୁଡ଼ିକୁ ଆପ୍ୟାୟିତ କରିବା ପାଇଁ ସାଇତିଥାନ୍ତି ଏବଂ ସେଥିରୁ ଇଙ୍ଗେରସିଙ୍ଗର ମାଲିକାନା ଜଗୁଆଳୀକୁ କିଛି କିଛି ଦେଇଥାନ୍ତି ।

ବଣ୍ଡା ସମାଜରେ ପ୍ରସ୍ତାବିତ ବିବାହ ସଂଖ୍ୟା ଟଣା ବିବାହ ସଂଖ୍ୟା ତୁଳନାରେ ଖୁବ୍ କମ୍ । ଏହି ବିବାହ ପରମ୍ପରା ଅନୁସାରେ ବାହାଘର ସ୍ଥିର ହେଲାପରେ କନ୍ୟାର ସଙ୍ଗିନୀମାନେ ବରପକ୍ଷକୁ ସେମାନଙ୍କ ସେଲାନିଡ଼ିଙ୍ଗକୁ ଆମନ୍ତ୍ରଣ କରନ୍ତି, ପରେ ପରେ ବିବାହ ପୂର୍ବରୁ ପ୍ରସ୍ତାବିତ କନ୍ୟାକୁ ଜଣେ କିମ୍ବା ଦୁଇଜଣ ସଙ୍ଗିନୀମାନଙ୍କ ସାଥୀରେ ସାଙ୍ଗ ହୋଇ ବରର ଗ୍ରାମକୁ ପ୍ରାୟ ୩ ଦିନ ପାଇଁ ଆସିବାକୁ ପଡ଼େ । ସେଠାରେ ସେମାନେ ବରଘରେ ନରହି ସେ ଗାଁର ସେଲାନିଡ଼ିଙ୍ଗରେ ରୁହନ୍ତି ଏବଂ ପରମ୍ପରା ଅନୁଯାୟୀ ବିଭିନ୍ନ ଦିନ କନ୍ୟାକୁ ଏକାକି ତା'ର କାର୍ଯ୍ୟ ଦକ୍ଷତାର ପରିଚୟ ଦେବାକୁ ପଡ଼ିଥାଏ । ଗୋଟିଏ ଦିନ କନ୍ୟାକୁ ଏକାକୀ ବରଗ୍ରାମର ନିକଟସ୍ଥ ଜଙ୍ଗଲକୁ ଯାଇ ଜାଳେଣି କାଠ, ଖାଇବା ପାଇଁ ପତ୍ର, ଫଳମୂଳ ଇତ୍ୟାଦି ସଂଗ୍ରହ କରିବାକୁ ପଡ଼ିଥାଏ । ଅନ୍ୟ ଦିନମାନଙ୍କରେ ନିକଟସ୍ଥ ଝରଣାରୁ ପାଣି ଆଣିବା କାର୍ଯ୍ୟ ଏବଂ ରାତିରେ ନିକଟସ୍ଥ ଜଙ୍ଗଲରେ ଲୁଚି ରହିବାର ଦକ୍ଷତା ମଧ୍ୟ ତାକୁ ଦେଖାଇବାକୁ ପଡ଼ିଥାଏ । ତେଣୁ ସାଧାରଣତଃ ବରଟି ତା'ର ଭାବି ପତ୍ନୀକୁ ଏକାକି ବାଘ ଭାଲୁ ଥିବା ଜଙ୍ଗଲିଆ ବାଟଦେଇ ତା'ର ଗାଁରେ ଛାଡ଼ି ପାରୁଛିକି ନାହିଁ ତା' ମଧ୍ୟ (କନ୍ୟାପକ୍ଷ ଦ୍ୱାରା) ପରୀକ୍ଷା କରାଯାଇଥାଏ ।

ବଣ୍ଡାମାନେ ପୁରାତନ ପ୍ରସ୍ତର ଯୁଗର ଏକ ଆଦିମତମ ଗୋଷ୍ଠୀ କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ତେଣୁ ସେମାନଙ୍କ ପରିବେଶରେ କିପରି ଚଳିବାକୁ ପଡ଼ିବ ସେଗୁଡ଼ିକୁ ଆଖିଆଗରେ ରଖି ବିବାହ ସ୍ଥିର

କରାଯାଇଥାଏ । ସେମାନଙ୍କ ସମାଜରେ ଯୌତୁକ ପ୍ରଥା ନାହିଁ । ଏହା ପରିବର୍ତ୍ତେ ସେମାନଙ୍କର କନ୍ୟାସୁନା ବା ଗିନିଂ ଦେବା ପ୍ରଥା ରହିଛି, ପ୍ରସ୍ତାବିତ ବିବାହ କ୍ଷେତ୍ରରେ ସାଧାରଣତଃ ବରପକ୍ଷରୁ କନ୍ୟାର ପିତାମାତାଙ୍କୁ ଗୋଟିଏ ବଳଦ, ଗୋଟିଏ ଗାଈ, କିଛି ଖାଦ୍ୟଶସ୍ୟ (ଖାଦି), କିଛି ମଦ (ପେଣ୍ଡମ୍) ଏବଂ କିଛି ଟଙ୍କା (ଟାକା) ଦେବାକୁ ପଡ଼ିଥାଏ । କେତେକ କ୍ଷେତ୍ରରେ କନ୍ୟାର କାର୍ଯ୍ୟଦକ୍ଷତାକୁ ବିଚାରକୁ ନେଇ ଏହାର ପରିମାଣ ଅଧିକ ହୋଇଥାଏ । କିନ୍ତୁ ଅପହରଣଜନିତ ବିବାହ କ୍ଷେତ୍ରରେ ଏଗୁଡ଼ିକର ପରିମାଣ ଖୁବ୍ ଅଧିକ ହୋଇଥାଏ । ଏ କ୍ଷେତ୍ରରେ କନ୍ୟାର କାର୍ଯ୍ୟଦକ୍ଷତା ଓ ଅପହରଣ ସମୟରେ କନ୍ୟାର ହୋଇଥିବା ଶାରୀରିକ କ୍ଷତି ଏବଂ ଅପହରଣ ସଂଖ୍ୟାକୁ ବିଚାରକୁ ନେଇ କନ୍ୟାସୁନାର ପରିମାଣ ସ୍ଥିର କରାଯାଇଥାଏ ଏବଂ କେତେକ କ୍ଷେତ୍ରରେ ଏହିପ୍ରକାର ବିଭାଘରରେ କନ୍ୟା ପିତାମାତା ୧୦-୨୦ ପର୍ଯ୍ୟନ୍ତ ବଳଦ/ଗାଈ ମାଗିଥାନ୍ତି । ସେହିପରି ମଦ, ଖାଦ୍ୟଶସ୍ୟ, ଟଙ୍କା ଇତ୍ୟାଦିର ପରିମାଣ ମଧ୍ୟ ଅଧିକ ମାତ୍ରାରେ ଦାବୀ କରାଯାଇଥାଏ । ତେବେ ଯଦି କନ୍ୟାପିତା ଅତୀବ ଧନୀ (ସକାର ରେମୋ) ହୋଇଥାଏ, କିମ୍ବା ତା'ର କୌଣସି ପୁତ୍ର ସନ୍ତାନ ନଥାନ୍ତି, ସେ କ୍ଷେତ୍ରରେ ସେ ବରପକ୍ଷରୁ କନ୍ୟାସୁନା ବା ଗିନିଂ ଆଣିବା ପରିବର୍ତ୍ତେ ତା'ର ସମ୍ପତ୍ତିରୁ କିଛି ଅଂଶ ଝିଅକୁ ଭେଟି ଦେଇଥାଏ । ଏହାକୁ ବୁନାଡ଼ାକ୍ କୁହାଯାଏ । ଏପରିସ୍ଥଳେ କନ୍ୟାପିତାକୁ ତା'ର ଜ୍ଞାତିକୁଟୁମ୍ବ ଏବଂ ଜ୍ୱାଇଁର ବାପାମାଆ ଅନ୍ୟାନ୍ୟ ଜ୍ଞାତିକୁଟୁମ୍ବମାନଙ୍କ ସମ୍ମୁଖରେ ଏକ ମନ୍ତ୍ରପାଠ କରିବା ପରେ ଖଣ୍ଡିଏ ସୂତାକୁ ଦୁଇଖଣ୍ଡ କରି ଛିଣ୍ଡାଇ ଗୋଟିଏ ମାଟି ହାଣ୍ଡିକୁ ଭାଙ୍ଗି ଏବଂ ଗୋଟିଏ କୁକୁଡ଼ା ଅଣ୍ଡାକୁ ଭଗବାନଙ୍କ ଉଦ୍ଦେଶ୍ୟରେ ସମର୍ପଣ କରି ଶପଥପାଠ କରିଥାଏ । ଏହାପୂର୍ବରୁ ସେ ତା' ଝିଅକୁ କ'ଣ କ'ଣ ଉପହାର ବା ବୁନାଡ଼ାକ୍ ଦେବ ତାହା ସମସ୍ତଙ୍କ ସମ୍ମୁଖରେ ପ୍ରକାଶ କରି ସେସବୁ ଜିନିଷ ଉପରେ ଭବିଷ୍ୟତରେ ସେ ଆଉ ତା'ର ମାଲିକାନା ସାବ୍ୟସ୍ତ ନ କରିବା ପାଇଁ ଘୋଷଣା କରିଥାଏ । ଥରେ ଶପଥ ସରିଗଲା ପରେ ଶପଥ ଅନୁସାରେ କନ୍ୟାପିତାକୁ ତା' ଝିଅକୁ ସମସ୍ତ ଜିନିଷପତ୍ର ଦେବାକୁ ପଡ଼େ । କିନ୍ତୁ କୌଣସି କାରଣରୁ ଝିଅ ଜ୍ୱାଇଁଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇ ବିବାହ ବିଚ୍ଛେଦ ହେଲେ ଜ୍ୱାଇଁ ସେସବୁ ଜିନିଷପତ୍ର ଫେରାଇବା ପାଇଁ ବାଧ୍ୟ ହୋଇଥାଏ ।

ଏମାନଙ୍କ ସମାଜରେ ବିଧବା ବିବାହ ପ୍ରଥା ପ୍ରଚଳିତ ଏବଂ ଜଣେ ପୁରୁଷ ଏକ ସମୟରେ ଏକରୁ ଅଧିକ ଜଣକୁ ବିବାହ କରିପାରେ । ଏପରିକି ଜଣକର ପତ୍ନୀକୁ ମଧ୍ୟ ଅନ୍ୟ ଜଣେ ବିଭା ହୋଇପାରେ କିନ୍ତୁ ଏପରି କ୍ଷେତ୍ରରେ ପରସ୍ତ୍ରୀକୁ ଗ୍ରହଣ କରିଥିବା ବ୍ୟକ୍ତିକୁ ସେ ସ୍ତ୍ରୀର ପୂର୍ବ ସ୍ୱାମୀକୁ ବହୁମାତ୍ରାରେ କ୍ଷତିପୂରଣ ଦେବାକୁ ପଡ଼ିଥାଏ । କିନ୍ତୁ ଏପରି ବିବାହ କେବଳ ଧନୀ ଶ୍ରେଣୀର ବଣ୍ଡା କରିପାରନ୍ତି ଏବଂ ତା' ମଧ୍ୟ ସେ ସ୍ତ୍ରୀର ସେପରି ପୁନର୍ବିବାହରେ ରାଜି ଥିଲେ ସମ୍ଭବ ହୋଇଥାଏ ।

**ସହାୟକ ଗ୍ରନ୍ଥସୂଚୀ**


୧. ଆନ୍ତର୍ଜାତିକ ଶ୍ରମ ସଂଗଠନ (୨୦୦୩) - ଫ୍ରମ୍ ବଣ୍ଡେଜ୍ ଟୁ ରୁରାଲ ଏଣ୍ଟରପ୍ରାଇଜ୍, ନୂଆଦିଲ୍ଲୀ ଆନ୍ତର୍ଜାତିକ ଶ୍ରମ କାର୍ଯ୍ୟାଳୟ ଓ ଭାରତ ସରକାର ।

୨. ଓଡ଼ିଶା ସରକାର (୨୦୦୩) - ଇନ୍‌ଫରମେସନ୍ ସିଟ୍ ଫର୍ ଦି ଭିଜିଟ୍ ଅଫ୍ କମିଟି ଅନ୍ ୱେଲ୍‌ଫେୟାର୍ ଅଫ୍ ଏସ୍.ସି. ଆଣ୍ଡ୍ ଏସ୍.ଟି., ମୁଦୁଲିପଡ଼ା - ବଣ୍ଡା ଡେଭେଲପ୍‌ମେଣ୍ଟ ଏଜେନ୍‌ସି

୩. ଫ୍ୟୁରର୍ - ହେମେନଡ୍ରଫ୍ ସି. ଭନ୍ (୧୯୪୩) - 'ଏଭେନ୍ୟୁ ଟୁ ମ୍ୟାରେଜ୍ ଏମଙ୍ଗ ବଣ୍ଡାଜ୍ ଅଫ୍ ଓଡ଼ିଶା', ମ୍ୟାନ ଇନ୍ ଇଣ୍ଡିଆ, ଭଲ୍ୟୁମ୍-୨୩, ନଂ- ୧ ଓ ୨, ବେଙ୍ଗଲ

୪. ମହାନ୍ତି ରମେଶ ପ୍ରସାଦ (୧୯୯୮) - 'ସ୍ୱାଧୀନ ଓ ସ୍ୱାବଲମ୍ବୀ ଜୀବନର ବନ୍ଧନ : ବଣ୍ଡା ବିବାହ', ସଚିତ୍ର ବିଜୟା ଶାରଦୀୟ ବିଶେଷାଙ୍କ, ଅକ୍ଟୋବର

୫. ମହାନ୍ତି ରମେଶ ପ୍ରସାଦ (୧୯୯୫) - 'ବଣ୍ଡା' ଏନ୍‌ସାଇକ୍ଲୋପେଡ଼ିଆ ଅଫ୍ ଇଣ୍ଡିଆନ୍ ଟ୍ରାଇବସ୍, ନୂଆଦିଲ୍ଲୀ : ଡିସ୍କଭରି ପବ୍ଲିସିଂ ହାଉସ୍

୬. ମହାନ୍ତି ରମେଶ ପ୍ରସାଦ (୨୦୦୧) - 'ଏ ରିଭର୍‌ସାଲ ଅଫ୍ ଫ୍ୟାମିଲି ରୋଲ୍‌ସ୍ - ସୋସାଇଟାଲ ପାଟର୍ନସ୍ ଅଫ୍ ବଣ୍ଡା ଟ୍ରାଇବ୍ ଅଫ୍ ଓଡ଼ିଶା', ନଂ- ୧୨୭, ନୂଆଦିଲ୍ଲୀ



ନୃତାତ୍ତ୍ୱିକ ଗବେଷକ
ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର
ଭୁବନେଶ୍ୱର - ୭୫୧୦୧୩